# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th June – 2026**

**************************************

## ମୁଖ୍ୟ ସମ୍ବାଦ

- ସାହସିକତାପାଇଁ ପ୍ରତିରକ୍ଷା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।
- ମୟୂରଭଞ୍ଜ ଜିଲ୍ଲାରେ ୪୩୦ କୋଟି ଟଙ୍କାର ପ୍ରକଳ୍ପ ସହ ନୂତନ ହସ୍ପିଟାଲ୍‌ର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ।
- ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ-୨୦୨୬ ।

ଏବଂ

- କାଳବୈଶାଖୀଜନିତ ବର୍ଷା ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ; ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁକ ସତର୍କ ସୂଚନା ।

***Desk***

## ସାହସିକତା ପୁରସ୍କାର

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆଜି ପ୍ରତିରକ୍ଷା ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବାହିନୀ,

କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ କର୍ମଚାରୀଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ଲେଫ୍ଟନାଣ୍ଟ କମାଣ୍ଡର ସୁରଜ ପରାଶର, ଲେଫ୍ଟନାଣ୍ଟ କର୍ଣ୍ଣେଲ ନୀତିଶ ଭାରତୀ ଶୁକ୍ଳା, ମେଜର ଆଦିତ୍ୟ ପ୍ରତାପ ସିଂହ, ଇନସପେକ୍ଟର ଲକ୍ଷ୍ମଣ କେଓ୍ୱଟ ଓ ରାମେଶର ଦୁର୍ଗା ଦେଶମୁଖଙ୍କୁ ସୌର୍ଯ୍ୟଚକ୍ର ପ୍ରଦାନ କରାଯାଇଛି। ସମାରୋହରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ କେନ୍ଦ୍ର ମନ୍ତ୍ରି ପରିଷଦର ସଦସ୍ୟ ଓ ସଶସ୍ତ୍ରବାହିନୀର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

***BBSR/R***

## ମୁଖ୍ୟମନ୍ତ୍ରୀ

ଡାକ୍ତରୀପାଠ କେବଳ ଏକ ବୃତ୍ତି ବା ଜୀବିକା ନୁହେଁ; ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍ତର ଓଡ଼ିଶା ଏବଂ ଏହାର ପଡ଼ୋଶୀ ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ହସ୍ପିଟାଲ୍ ଏକ ନୂତନ ବିପ୍ଳବ ଆଣିବ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ହସ୍ପିଟାଲ୍‌ର ନୂତନ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ,

ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.......

ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩୦ ଲକ୍ଷ ପରିବାର ମଧ୍ୟରୁ ୩ କୋଟି ୪୬ ଲକ୍ଷ ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ୍‌ରେ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଅନ୍ୟପକ୍ଷରେ ଆୟୁଷ୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଗଜପତି, ମାଲକାନଗିରି ଓ ରାୟଗଡ଼ାରେ ୩ଟି ଆୟୁର୍ବେଦିକ ମେଡିକାଲ୍ କଲେଜ ସହିତ ନୟାଗଡ଼ ଓ ନୂଆପଡ଼ାରେ ୨ଟି ନୂଆ ହୋମିଓପ୍ୟାଥିକ ମେଡିକାଲ୍ କଲେଜ ଖୋଲିବାପାଇଁ ପଦକ୍ଷେପ ନିଆଯାଉଛି ।

ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

*Gajapati/R*

## ରାଜ୍ୟପାଳ - ମହେନ୍ଦ୍ରଗିରି

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଆଜି ଗଜପତି ଜିଲ୍ଲା ଗସ୍ତରେ ଯାଇ ରାୟଗଡ଼ ବ୍ଲକ୍‌ର ମହେନ୍ଦ୍ରଗିରିଠାରେ ଚାଲିଥିବା ମହେନ୍ଦ୍ରମେଳା ପରିଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଆଗାମୀ ଦିନରେ ମହେନ୍ଦ୍ରଗିରିର ସର୍ବାଙ୍ଗୀନ ଉନ୍ନତିପାଇଁ ପ୍ରୟାସ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି । ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଇ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

***IPR***

## ଗ୍ରାମୀଣ ଉଦ୍ୟୋଗ

ରାଜ୍ୟ ସରକାର ମହିଳାମାନଙ୍କୁ କେବଳ ରାଜଗାରକ୍ଷମ ନୁହେଁ; ବରଂ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ସଙ୍କଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନଠାରେ ଏନେଇ ଓଡ଼ିଶା ଜୀବିକା ମିଶନ ଏବଂ ଭୁବନେଶ୍ୱରସ୍ଥିତ ଆଇ.ଆଇ.ଟି. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଜାତୀୟ ଗ୍ରାମୀଣ ଜୀବିକା

ମିଶନ ଅଧୀନରେ ଷ୍ଟାର୍ଟଅପ୍ ଗ୍ରାମୀଣ ଉଦ୍ୟୋଗୀ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସହାୟତା ଯୋଗାଇବାପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ଏଥିପାଇଁ ଜାତୀୟ ଗ୍ରାମୀଣ ମନ୍ତ୍ରଣାଳୟ ୧୦ କୋଟି ୭୦ ଲକ୍ଷ ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆଇ.ଆଇ.ଟି. ଭୁବନେଶ୍ୱରକୁ ୯୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ୩ ବର୍ଷ ମଧ୍ୟରେ ପ୍ରାୟ ୧୫୦ଟି ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗକୁ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Desk***

# ନାଗରିକ ସମ୍ପର୍କ ଅଭିଯାନ

ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକକେନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପରିପ୍ରେକ୍ଷୀରେ କହିଛନ୍ତି, ସହରୀ ରୂପାନ୍ତରୀକରଣ ପଦକ୍ଷେପଗୁଡ଼ିକର ସଫଳତାପାଇଁ ସକ୍ରିୟ ନାଗରିକ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ । ଏହି ଅବସରରେ ସଚେତନତା

ଶୋଭାଯାତ୍ରା, ୱାର୍ଡ଼ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ ଆଦି ବିଭିନ୍ନ ନାଗରିକକୈନ୍ଦ୍ରିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

***Desk***

# ଓ.ଜେ.ଜେ.ଇ. ପରୀକ୍ଷାଫଳ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା - ଓ.ଜେ.ଇ.ଇ.-୨୦୨୬ ଫଳ ପ୍ରକାଶ ପାଇଛି । ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କପାଇଁ ଚଳିତ ମାସ ତୃତୀୟ ସପ୍ତାହରେ କାଉନ୍‌ସେଲିଂ ଆରମ୍ଭ ହେବ । ରାଜ୍ୟରେ ଗତମାସ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓ.ଜେ.ଇ.ଇ. ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମୋଟ ୯୨ ହଜାର ୬୨୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି :

***Voice*** :.........

***HS***

# ପି.ଜି.ଟି. - କର୍ମଶାଳା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ନୂତନ ଭାବେ ନିଯୁକ୍ତି ପାଇଥିବା ପି.ଜି.ଟି. ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପ୍ରଥମ ପର୍ଯ୍ୟାୟ ଦିଗ୍‌ଦର୍ଶନ କର୍ମଶାଳା ଆଜିଠାରୁ ଆରମ୍ଭ

ହୋଇଛି । ଭୁବନେଶ୍ୱର ଶିରିପୁରସ୍ଥିତ ଇମେଜ୍‌ଠାରେ ପ୍ରାୟ ୧୨୦ ଜଣ ପି.ଜି.ଟି. ଶିକ୍ଷକ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି । ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଆସନ୍ତା ୧୬ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟ ଚାଲିବ ।

***Kendrapara/R***

## ଶିଶୁ ସ୍ୱାସ୍ଥ୍ୟ - ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଶୁ ସ୍ୱାସ୍ଥ୍ୟ ସଚେତନତା ଓ ସେବା ସୁଦୃଢ଼ୀକରଣ ଉଦ୍ଦେଶ୍ୟରେ ଏକ ଆବାସୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୧୮ରୁ ଅଧିକ ସ୍ମାର୍ଟ କ୍ଲାସ୍‌ରୁମ୍ ମାଧ୍ୟମରେ ୪ ହଜାରରୁ ଊର୍ଦ୍ଧ୍ୱ କ୍ଷେତ୍ରୀୟ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନବଜାତ ଶିଶୁର ଯତ୍ନ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦାୟିତ୍ୱ, ବିପଦସଙ୍କୁଳ ଶିଶୁଙ୍କ ଚିହ୍ନଟ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

***Puri/R***

# ପୁରୀ - ରଥ ନିର୍ମାଣ

ପୁରୀ ରଥଯାତ୍ରାପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ଆଜି ତିନିରଥରେ ଛଅ କାଠ ଉଠିଛି । ଏଥିସହ ତିନିରଥରେ ଗୟଳମୋଡ଼ା କାର୍ଯ୍ୟ ଶେଷ ହେବା ପରେ ଯୋଖା ଲଗାଯାଇଛି । ଚାରିନାହାକା ଉଠିଥିବାବେଳେ ମହାରଣା ସେବକମାନେ ପ୍ରଥମ ଭୂଇଁ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ତେବେ ଆଜି ତାହାକୁ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ଭୋଇସେବକମାନେ ଛଅକାଠିକୁ ଚାରି ନାହାକାରେ ଖଞ୍ଜିଛନ୍ତି । ଛଚାଳିରେ ମହାରଣା ସେବକମାନେ ଦ୍ୱିତୀୟ ଭୂଇଁ ନିର୍ମାଣ ଏବଂ ରୂପକାର ସେବକମାନେ ନାଟଗୋଡ଼ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି ।

***Desk, Nayagarh, Nuapada, Baragarh, Bhadrak, Malkangiri, Kalahandi, Sonepur/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍‌ରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ବରଗଡ଼ ଜିଲ୍ଲା ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୧୧୯ଟି ଅଭିଯୋଗର ଶୁଣାଣି କରାଯାଇ ତୁରନ୍ତ ସମାଧାନପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୯୮ଟି ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ରେଡ୍‌କ୍ରସ ପାଣ୍ଠିରୁ ୩ ଜଣଙ୍କୁ ୯ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି ।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ୭୦ଟି ଅଭିଯୋଗର ଶୁଣାଣି କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସାମାଧାନ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ବିଶିମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ  ଶିବିରରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Cuttack, Malkangiri/R***

## ଅନ୍ଧବିଶ୍ୱାସ - ସଚେତନତା

ଅନ୍ଧବିଶ୍ୱାସ ଭଳି କୁପ୍ରଥାକୁ ଦୂର କରିବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ମଙ୍ଗରାଜପୁର ଗ୍ରାମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଗ୍ରାମାଞ୍ଚଳ ପୁଲିସ ଶିବିରରେ ଯୋଗଦେଇ ଓଡ଼ିଶା ଡାହାଣୀ ଶିକାର ନିରାକରଣ ଆଇନ-୨୦୧୩ ସମ୍ପର୍କରେ ଆଲୋଚନା କରିଥିଲେ । କୌଣସି ଅନୈତିକ କିମ୍ବା ଅପରାଧିକ ଘଟଣା ସମ୍ପର୍କରେ ତୁରନ୍ତ ପୁଲିସ କିମ୍ବା ପ୍ରଶାସନକୁ ଅବଗତ କରିବାପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା ।

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳ, ଉପାନ୍ତ ଓ ଜନଜାତିବହୁଳ ଅଞ୍ଚଳରେ ଘଟୁଥିବା ସମ୍ବେଦନଶୀଳ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲାପାଳ ପୁଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି ।

ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବର୍ତ୍ତମାନ ଦେଶର ୧୨ଟି ରାଜ୍ୟକୁ ସ୍ପର୍ଶ କରିଛି। ମୌସୁମୀ ଚଳିତ ସପ୍ତାହରେ ଓଡ଼ିଶା ସ୍ପର୍ଶ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

******